# ଟାଟା ପାୱାର ପକ୍ଷରୁ ଦେଶର ସର୍ବବୃହତ୍ ମହଶୀର ସଂରକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ନି.ପ୍ର): ବର୍ତ୍ତମାନ ସମୟରେ ସବୁଜ ପଦକ୍ଷେପ ଏକ ସାର୍ବଜନିକ ପଦକ୍ଷେପ ହୋଇଛି, ବହୁ କମ୍ପାନି ଏହାକୁ ଆଗ୍ରହର ସହ କାର୍ଯ୍ୟକାରୀ କରୁଛନ୍ତି ଏବଂ ବେଳେବେଳେ ଦୀର୍ଘସ୍ଥାୟୀ ବିକାଶ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ସହ ଏହାକୁ ଯୋଡୁଛନ୍ତି। ଶିଳ୍ପ ଅଭିବୃଦ୍ଧିର ପ୍ରଭାବ ଜୈବ ବିବିଧତା ଉପରେ ପଡୁଛି, ଏଣୁ କର୍ପୋରେଟ୍ ନିଶ୍ଚିତ ଭାବେ ଜୈବ ବିବିଧତା ହ୍ରାସକୁ ରୋକିବା ସହ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଟାଟା ପାୱାରର ମହଶୀର ସଂରକ୍ଷଣ କାର୍ଯ୍ୟକ୍ରମ ଏ ଦିଗରେ ଏକ ଉପଯୁକ୍ତ ପଦକ୍ଷେପ ଏବଂ ଏହା ମାଧ୍ୟମରେ କମ୍ପାନି ସୁନେଲୀ ମହଶୀର ମାଛର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛି। ପ୍ରୋଜେକ୍ଟ ଟାଇଗର୍ ପରେ ଏହା ଏକ ବୃହତ୍ ଭାରତୀୟ ସଂରକ୍ଷଣ କାର୍ଯ୍ୟକ୍ରମ। 'ଟାଇଗର୍ ଅଫ୍ ୱାଟର' ଭାବେ ଜଣାଶୁଣା ମହଶୀର ବିଶ୍ୱର ସବୁଠାରୁ କଠୋର ଲଢୁଆ ମାଛ ଏବଂ ଏହା ଲମ୍ବରେ ୨.୭୫ ମିଟର (୯ ଫୁଟ) ପର୍ଯ୍ୟନ୍ତ ବଢ଼ିପାରେ ଏବଂ ଏହାର ଓଜନ ପାଖାପାଖି ୩୫-୪୦ କିଲୋଗ୍ରାମ ହୋଇଥାଏ। ବଡ଼ ଆକାର ଯୋଗୁ ଏହା ବିଶ୍ୱର ପ୍ରମୁଖ ୨୦ଟି ମେଗା ଫିସ୍ ତାଲିକାରେ ସ୍ଥାନ ପାଇଛି। ଏପରିକି କେତେକ ଏହି ମାଛକୁ ମନ୍ଦିର ପାଖ ପୋଖରୀରେ ମଧ୍ୟ ପାଳି ପୂଜା କରିଥାନ୍ତି। କିନ୍ତୁ କିଛି ବର୍ଷ ହେଲା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମହଶୀରର ଆକାର ଓ ସଂଖ୍ୟା କମିବାରେ ଲାଗିଛି। ଏପରିକି ଦେଶର କେତେକ ଅଂଶରୁ ଏହାର ବଂଶ ଲୋପ ପାଇବାରେ ଲାଗିଛି। ୨୦୧୦ ରିପୋର୍ଟ ମୁତାବକ, ଗତ କିଛି ବର୍ଷ ମଧ୍ୟରେ ସୁନେଲୀ ମହଶୀର ସଂଖ୍ୟା ପାଖାପାଖି ୫୦%ରୁ ଅଧିକ କମିଛି। ବିନା କୌଣସି ପଦକ୍ଷେପରେ ଆଗାମୀ ଦିନରେ ଏମାନଙ୍କ ସଂଖ୍ୟା ପାଖାପାଖି ୮୦% କମିବ ବୋଲି ଆକଳନ କରାଯାଇଛି। ମହଶୀର ବଂଶ ହ୍ରାସକୁ ଦୃଷ୍ଟିରେ ରଖି ସେମାନଙ୍କ ସଂରକ୍ଷଣ ପାଇଁ ଟାଟା ପାୱାର ନିଜର ପରିବେଶ ସୁରକ୍ଷା ଏବଂ ପରିବେଶ ବିକାଶ ପ୍ରକଳ୍ପ ଅଂଶସ୍ୱରୂପ ହ୍ରାଦଗୁଡ଼ିକ ନିମନ୍ତେ ମୁମ୍ବାଇ ନିକଟସ୍ଥ ଲୋନାଭଲାରେ ଏକ ବ୍ରିଡିଂ ସେଣ୍ଟର ଖୋଲିଛି। ଏବେ ଏହି ପ୍ରକଳ୍ପକୁ ୭ଟି ହ୍ରଦରେ କାର୍ଯ୍ୟକାରୀ କରାଯାଉଛି, ଯେଉଁଠି କି ବର୍ଷାଜଳ ସଂରକ୍ଷଣ ମାଧ୍ୟମରେ ମହଶୀର ବଂଶ ବୃଦ୍ଧି ପଦକ୍ଷେପ ଗ୍ରହଣ କରାଯାଉଛି। ଗବେଷଣା ଓ ଅବ୍‌ଜରଭେସନ୍ ପରେ ମହଶୀର ମାଛକୁ ହିମାଳୟନ୍ ଅଞ୍ଚଳରୁ ଲୋନାଭଲା ବ୍ରିଡିଂ ସେଣ୍ଟରକୁ ଅଣାଯାଉଛି। ଏହାପରେ ସେମାନଙ୍କୁ ବୃଦ୍ଧି କରି ବ୍ରିଡିଂ କରାଯାଉଛି। ପ୍ରଥମ ବ୍ୟାଚ୍‌ରେ ଡ୍ରାଏ ଷ୍ଟ୍ରିପିଙ୍ଗ୍ ମାଧ୍ୟମରେ ଏଠାରେ ପାଖାପାଖି ୧୪,୦୦୦ ମହଶୀର ବିହନ ଉତ୍ପାଦନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପ ବେଶ୍ ସଫଳତା ପାଇଛି ଏବଂ ୧୦ ନିୟୁତରୁ ଅଧିକ ମହଶୀର ବିହନ ସୃଷ୍ଟି କରାଯାଇପାରିଛି। ଏବେ ଏହି ପ୍ରକଳ୍ପ ଭାରତର ସର୍ବବୃହତ୍ ମହଶୀର ବ୍ରିଡିଂ ସେଣ୍ଟରରେ ପରିଣତ ହୋଇଛି।